ଓଡିଶା ସରକାର

ଜଙ୍ଗଲ ଓ ପରିବେଶ ବିଭାଗ

*****

No.22570600012017/୧୦ଏଫ (କନ) ୨୩/୨୦୧୭ 24598 /ଜ ଓ ପ., ତା. 28.11.17

ପ୍ରେରକ:

ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଭା.ବ.ସେ

ସ୍ୱତନ୍ତ୍ର ଶାସନ ସଚିବ

ପ୍ରାପ୍ତେଷୁ

ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ତଥା ସ୍ୱତନ୍ତ୍ର ଶାସନ ସଚିବ,

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ।

Received on the date 6-XII-017

ବିଷୟ: ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନସ୍ଥ ନରଶପୁର ଗ୍ରାମର ଜଙ୍ଗଲ ଅଧିକାର କମିଟି ସଭାପତିଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ ଓ ନିୟମାବଳୀର ପୁନଃ ଉଲଂଘନ ସମ୍ବନ୍ଧରେ ଅଭିଯୋଗ ପତ୍ର ତା.୨୨.୧୦.୨୦୧୬ ରିଖ ।

ମହାଶୟ,

ମୁଁ ଆଦେଶକ୍ରମେ ଏଥି ସହିତ ରାଷ୍ଟ୍ରପତିଙ୍କ ସଚିବାଳୟରୁ ପ୍ରାପ୍ତ ଏବଂ ରାଜ୍ୟ ସ୍ତରୀୟ ପର୍ଯ୍ୟାଲୋଚନା କମିଟି (ଜଙ୍ଗଲ ଅଧିକାର ଆଇନ, ୨୦୦୬)କୁ ସମ୍ବୋଧିତ ଉପରୋକ୍ତ ଅଭିଯୋଗ ପତ୍ରର ନକଲ ସହିତ ଏହାର ସଂଲଗ୍ନକର ନକଲକୁ ସଂଲଗ୍ନ କରିବା ସଙ୍ଗେ ସଙ୍ଗେ ଜଣାଉଅଛି ଯେ ଏଥିରେ ଉପସ୍ଥାପିତ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ସ୍ୱିକୃତି ଦେବାରେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ର ପୁନଃ ଉଲଂଘନ କାର୍ଯ୍ୟ କରିଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ ସମ୍ବନ୍ଧୀୟ ଅଭିଯୋଗ ଉଲ୍ଲେଖ ରହିଛି । ପ୍ରକାଶ ଥାଉକି ଦରଖାସ୍ତକାରୀଙ୍କର ଏ ସମ୍ବନ୍ଧୀୟ ପୂର୍ବ ଆବେଦନ ପତ୍ର ଏହି ବିଭାଗର ପତ୍ର ସଂଖ୍ୟା ୧୫୨୭୦ ତା.୨୭.୦୮.୨୦୧୫ ରିଖରେ ଆପଣଙ୍କୁ ଅବଗତ କରାଯାଇ ଏ ସମ୍ବନ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୋଧ କରାଯାଇଛି । ଏହି ସମ୍ବନ୍ଧରେ ସମ୍ପୃକ୍ତ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ଦରଖାସ୍ତରେ ଉଲ୍ଲେଖ ଥିବା ଅଭିଯୋଗ ଗୁଡ଼ିକର ଯଥାଯଥ ଅନୁଧ୍ୟାନ କରି ଉପରୋକ୍ତ ପ୍ରସଙ୍ଗରେ ବିଚାର ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

ଆପଣଙ୍କର ବିଶ୍ୱସ୍ତ

ଦେବୀଦତ୍ତ ବିଶ୍ୱାଳ 28/11/17

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 24599 ତା 28.11.17

ଏହାର ଏକକିତା ନକଲ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ, ଓଡିଶା /ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବାରିପଦା /ବନଖଣ୍ଡ ଅଧିକାରୀ, ବାଲେଶ୍ୱର କୁ ଏହି ବିଭାଗର ପାତ୍ର ସଂଖ୍ୟା 15271 ତା । 27.8.2015 ଆଧାରରେ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଦେବୀଦତ୍ତ ବିଶ୍ୱାଳ 28/11/17

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 24600 ତା 28.11.17

ଏହାର ଏକକିତା ନକଲ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ସଭାପତି ଜଙ୍ଗଲ ଅଧିକାର କମିଟି, ନରଶପୁର, ସା/ପୋଷ୍ଟ- ନରଶପୁର, ଭାୟା- ସଜନାଗଡ, ଜିଲ୍ଲା-ବାଲେଶ୍ୱର, ପିନ-୭୫୬୦୪୧ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଦେବୀଦତ୍ତ ବିଶ୍ୱାଳ 28/11/17

ସ୍ୱତନ୍ତ୍ର ଶାସନ ସଚିବ